# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୯୮ (ଓଡ଼ିଆ ବୁଲେଟିନ) ସପ୍ତାହ –୪୯ ତାରିଖ: ୦୯.୧୨.୨୦୨୫

## ଜିଲ୍ଲା –ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୩.୧୨.୨୦୨୫ ରୁ ୦୯.୧୨.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୯ |
| ବରଗଡ଼ | 29 | 31 | 29 | 28 | 29 | 28 | 31 | 16 | 16 | 16 | 15 | 14 | 13 | 13 | 0 | 0 | 0 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୦-୧୨-୨୦୨୫ | ୧୧-୧୨-୨୦୨୫ | ୧୨-୧୨-୨୦୨୫ | ୧୩-୧୨-୨୦୨୫ | ୧୪-୧୨-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 30 | 30 | 31 | 31 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 13 | 13 | 13 | 14 | 14 |
| ମେଘ ଆବରଣ(ଓକଟା) | 2 | 2 | 2 | 2 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 59 | 60 | 58 | 58 | 62 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 21 | 19 | 20 | 22 | 27 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 3 | 4 | 4 | 3 | 3 |
| ପବନର ଦିଗ (ଡିଗ୍ରୀ) | 348 | 90 | 355 | 90 | 50 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ମଧ୍ୟମ ଧରଣର ଆର୍ଦ୍ରତା ରହିବା ସହିତ ୩ ରୁ ୪ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପଶ୍ଚିମ, ପୂର୍ବ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଶୀତ ଲହରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଫସଲରେ ହାଲୁକା, ସୁରକ୍ଷାମୂଳକ ଜଳସେଚନ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଛି, କାରଣ ଓଦା ମାଟି ଶୁଖିଲା ମାଟି ଅପେକ୍ଷା ଭଲ ଭାବରେ ତାପ ଧରି ରଖେ, ଯାହା ଗଛ ଚାରିପାଖର ତାପମାତ୍ରା ବୃଦ୍ଧି କରିବାରେ ସାହାଯ୍ୟ କରିପାରେ ।
- ଉଚ୍ଚ ଆର୍ଦ୍ରତା ଏବଂ ସ୍ଥାୟୀ ପତ୍ର ଓଦା ରହିବା କବକ ଏବଂ ଅନ୍ୟାନ୍ୟ ରୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । କୁହୁଡ଼ି ପରିସ୍ଥିତି ପନିପରିବା, ବିନ୍ସ ଏବଂ ସୋରିଷରେ ଯଉ ପୋକ ଭଳି କିଛି କୀଟପତଙ୍ଗର ଆକ୍ରମଣକୁ ବୃଦ୍ଧି କରିପାରେ । ତେଣୁ, ଏହାର ନିୟମିତ ତଦାରଖ କରିବା ପାଇଁ ପରାମର୍ଶ ଦିଆଯିବା ଉଚିତ ।
- ଆଣ୍ଡ୍ରଏଡ୍ ମୋବାଇଲ୍ ବ୍ୟବହାର କରୁଥିବା ଚାଷୀମାନେ ଉଭୟ ଓଡ଼ିଆ ଭାଷାରେ ଭାରତୀୟ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶାର କୃଷି-ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ୍ ଆପ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଅଛି । ବଜ୍ରପାତ ଏବଂ ବିଜୁଳୀ ସମ୍ବନ୍ଧୀୟ ସୂଚନା ପାଇଁ ଦାମିନୀ ମୋବାଇଲ୍ ଆପ୍ ଏବଂ ସ୍ଥାନର ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ସତର୍କତା ପାଇଁ ମୌସମ୍ ଆପ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ଥଣ୍ଡା ପାଗରେ ମାଟିରେ କୌଣସି ପ୍ରକାରର ସାର କିମ୍ବା ପୁଷ୍ଟିକର ପଦାର୍ଥ ପ୍ରୟୋଗ କରନ୍ତୁ ନାହିଁ କାରଣ ଗଛ ମୂଳର କାର୍ଯ୍ୟକଳାପରେ ସିଥିଳତା ଯୋଗୁଁ ଗଛ ଏହା ଗ୍ରହଣ କରିପାରେ ନାହିଁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ସଂରକ୍ଷଣ | • ଧାନ / ଚାଉଳର ସୁରକ୍ଷିତ ସଂରକ୍ଷଣ ପାଇଁ, 'ସୁପର ଗ୍ରେନ୍ ବ୍ୟାଗ୍' ବ୍ୟବହାର କରନ୍ତୁ ଯାହା ଗୁଣବତ୍ତା, ଗଠନ, ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦକୁ ଅଧିକ ସମୟ ପାଇଁ ବଜାୟ ରଖିବାରେ ସହାୟକ ହୁଏ ଏବଂ କୀଟପତଙ୍ଗ ଆକ୍ରମଣକୁ ମଧ୍ୟ ରୋକିଥାଏ ।<br>• ସଂରକ୍ଷିତ ଶସ୍ୟ ପୋକ ଆକ୍ରମଣ ଦେଖିବା ପରେ, ଆଲୁମିନିୟମ୍ ଫସଫାଇଡ୍ (ଘରେ ବ୍ୟବହାର କରନ୍ତୁ ନାହିଁ) ୩ ଟି ଟାବଲେଟ୍ / ଟନ୍ ଶସ୍ୟ (ମୋଟ ୯ ଗ୍ରାମ ଟାବଲେଟ୍) @ ବାୟୁ ବନ୍ଦ ପାତ୍ରରେ କିମ୍ବା କୌଣସି ଫାଙ୍କ ନ ରଖି ଘନ ତାରପାଲିନ୍ ସହିତ ଘୋଡ଼ାଇ ଧୂଆଁ ବ୍ୟବହାର କରନ୍ତୁ । ଟାବଲେଟ୍ଗୁଡ଼ିକୁ ଗଦାରେ ରଖିବା ପୂର୍ବରୁ କପା ପାଉଚ୍ ରେ ଗୁଡ଼ାଯିବା ଉଚିତ । ଗ୍ୟାସ୍ ଲିକେଜ୍ ରୋକିବା ପାଇଁ ପ୍ଲାଷ୍ଟିକ୍ କଭରର ସମସ୍ତ କୋଣକୁ ୬-ଇଞ୍ଚ ଘନ କାଦୁଅ / ଆଡ୍ହେସିଭ୍ ଟେପ୍ ସହିତ ପ୍ଲାଷ୍ଟର କରାଯିବା ଉଚିତ । ସର୍ବନିମ୍ନ ଏକ୍ସପୋଜର ଅବଧି ପ୍ରାୟ ୭-୧୦ ଦିନ ପାଇଁ । |
| ଡାଲୁଅ ଧାନ | ଜମି ପ୍ରସ୍ତୁତି / ନର୍ସରୀ ପ୍ରସ୍ତୁତି | • ଯେଉଁ ଚାଷୀଭାଇମାନେ ବର୍ଷାଦିନିଆ ଧାନର ଅମଳ କାର୍ଯ୍ୟ ସମାପ୍ତ କରିସାରିଛନ୍ତି ସେମାନେ ଖରାଟିଆ ଧାନ ଚାଷ ପାଇଁ ଜଳସେଚନର ସୁବିଧା ଥିବା ସ୍ଥାନରେ ନର୍ସରୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ପ୍ରଚଳିତ ଥଣ୍ଡା ପାଗକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଧାନ ନର୍ସରୀରେ ରାତିରେ ନର୍ସରୀ ବେଡ୍ ଗୁଡ଼ିକୁ ପଲିଥିନ୍ ଚାଦରରେ ଘୋଡ଼ାଇ ରଖିବାକୁ ଏବଂ ସକାଳେ ତାକୁ କାଢ଼ିଦେବାକୁ ପରାମର୍ଶ ଦିଆଯାଉଛି । ସନ୍ଧ୍ୟାରେ ନର୍ସରୀ ବେଡ୍ ଗୁଡ଼ିକରେ ଜଳସେଚନ କରନ୍ତୁ ଏବଂ ସକାଳେ ପାଣି ନିଷ୍କାସନ କରଦିଅନ୍ତୁ । |
| ସୋରିଷ ଓ ତୋରିଆ | ଅଙ୍ଗୀୟ ଅବସ୍ଥା / ଫୁଲ ଅବସ୍ଥା | • ଗଛର ଭଲ ବୃଦ୍ଧି ପାଇଁ ୧୫-୨୫ ଦିନର ଫସଲରେ ବେଶି ଘନ ହେଇଯାଇଥିବା ଫସଲକୁ ଉପାଡିବା ପାଇଁ ପରାମର୍ଶ ଦିଆଯାଇଅଛି ।<br>• ଯଦି ସମ୍ଭବ ହୁଏ ତେବେ ସୋରିଷ ଫସଲକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ, ୦.୧% ତରଳ ସଲଫ୍ୟୁରିକ୍ ଏସିଡ୍ (୧୦୦୦ ଲିଟର ପାଣିରେ ୧ ଲିଟର ସଲଫ୍ୟୁରିକ୍ ଏସିଡ୍) କିମ୍ବା ୫୦୦ ppm (୧୦୦୦ ଲିଟର ପାଣିରେ ୫୦୦ ଗ୍ରାମ ଥିଓୟୁରିଆ) ସଫା ପାଗକୁ ଦେଖି କୁହୁଡି ନ ଥିବା ସମୟରେ ସିଞ୍ଚନ କରାଯିବା ଉଚିତ । |
| ପନିପରିବା ଜାତୀୟଫସଲ | ନର୍ସରୀ ତଳି ଘେରା ପ୍ରସ୍ତୁତି/ ବୁଣା ଅବସ୍ଥା/ ଅଙ୍ଗୀୟ ଅବସ୍ଥା | • ପ୍ରଚଳିତ ଥଣ୍ଡା ପାଗକୁ ଧ୍ୟାନରେ ରଖି ବୁଣିବା ପରେ, ବିହନଗୁଡ଼ିକୁ ମାଟିର ଏକ ସୂକ୍ଷ୍ମ ସ୍ତର ସହିତ ଘୋଡ଼ାନ୍ତୁ ଏବଂ ପାଣି କ୍ୟାନ ବ୍ୟବହାର କରି ହାଲୁକା ପାଣି ଦିଅନ୍ତୁ ।<br>• ଅଙ୍କୁରିତ ହେବା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଶୁଖିଲା ନଡ଼ା କିମ୍ବା ଘାସ ସହିତ ବେଡ୍ ଘୋଡ଼ାନ୍ତୁ, ଆର୍ଦ୍ରତା ଏବଂ ତାପମାତ୍ରା ବଜାୟ ରଖନ୍ତୁ, ଚାରା ବାହାରିବା ପରେ ତୁରନ୍ତ ଆବରଣ ଅପସାରଣ କରନ୍ତୁ।<br>• ପନିପରିବା ଫସଲରେ ଶୋଷକ କୀଟ ଆକ୍ରମଣ ପାଇଁ ପ୍ରଚଳିତ ପାଗ ଅନୁକୂଳ। ତେଣୁ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯିବା ଉଚିତ । |
| ଗୋରୁ ଗାଈ ଓ ମଇଁଷି | • ପଶୁମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ସେମାନଙ୍କୁ ରାତିରେ ଘର ଭିତରେ ରଖି ଶୁଖିଲା ବିଛଣା ଯୋଗାଇବା ଉଚିତ ଏବଂ ଶରୀରର ଉତ୍ତାପ ସୃଷ୍ଟି କରିବା ପାଇଁ କମ ଥଣ୍ଡା ଥିବା ତାଜା ପାଣି ଏବଂ ଅତିରିକ୍ତ ଖାଦ୍ୟର ସୁବିଧା ସୁନିଶ୍ଚିତ କରାଯିବା ଉଚିତ ।<br>• ଆର୍ଦ୍ରତା ସ୍ତର ପରିଚାଳନା କରିବା ପାଇଁ ପଶୁପାଳନ ସ୍ଥଳରେ ଉପଯୁକ୍ତ ବାୟୁଚଳାଚଳ ସୁନିଶ୍ଚିତ କରନ୍ତୁ ।<br>• ଗୁହାଳ ଓଦା ଥିବା ଅବସ୍ଥାରେ ରୋଗ ପ୍ରତି ସମ୍ବେଦନଶୀଳତା ହ୍ରାସ କରିବା ପାଇଁ ପଶୁପାଳନ ସ୍ଥଳରେ କୃମି ନିବାରଣ କରନ୍ତୁ ଏବଂ ଉପଯୁକ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପର ବ୍ୟବହାର** କରିପାରିବେ।